## ୩ ବଖରା ଜଳିଗଲା

ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ)-ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଭଉଁରିଆବାଦ ପଞ୍ଚାୟତ ଅଧୀନ ବନ୍ୟାରସାହି ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ପାଉଁଶ ହୋଇଯାଇଛି। ଉକ୍ତ ଗ୍ରାମର ପଦିଆ ସିଂ ଓ ବନମାଳୀ ସିଂଙ୍କ ଘରେ ହଠାତ୍ ନିଆଁ ଲାଗିଯିବାରୁ ଗ୍ରାମବାସୀ ନୀଳଗିରି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ ହେଁ ୩ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ଏବେ ବର୍ଷାଦିନ ଚାଲିଥିବାରୁ ତୁରନ୍ତ ପ୍ରଶାସନ ଉଭୟ ଦୁଇଭାଇଙ୍କ ପରିବାରଙ୍କୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ

### ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ବାରିପଦା,୩୧।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଓ ଏସପି ବି.ଗଙ୍ଗାଧର ଉପସ୍ଥିତ ରହି ଶିବିରକୁ ଆସୁଥିବା ଜନସାଧାରଣଙ୍କ ଆପତ୍ତି ଅଭିଯୋଗଗୁଡ଼ିକର ସମାଧାନ ଦ୍ରୁତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଜନସାଧାରଣଙ୍କଠାରୁ ମୋଟ ୧୧୦ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ୧୦୦ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୧୦ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ଗ୍ରହଣ ହୋଇଥିବା ଆପତ୍ତି ଅଭିଯୋଗ ମଧ୍ୟରୁ ୧୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ସହାୟତା ରାଶି ପ୍ରଦାନ ପାଇଁ ଆସିଥିବା ଅଭିଯୋଗର ଗୁରୁତ୍ୱ ଓ ପରିସ୍ଥିତିକୁ ବିଚାର କରି ୧୨ଜଣଙ୍କୁ ପ୍ରତ୍ୟେକ ୫ହଜାର ଟଙ୍କା ଲେଖାଏ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ୧୦ହଜାର ମିଶାଇ ମୋଟ ୭୦ହଜାର ଟଙ୍କା ରେଡକ୍ରସରୁ ଏବଂ ଅନ୍ୟ ଜଣଙ୍କୁ ୧୦ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଜିଲାପାଳ ମଞ୍ଜୁର କରିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୌଲତ ଚନ୍ଦ୍ରକାର, ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଜ୍ଞାନେନ୍ଦ୍ର ମହାନ୍ତି ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅଧୀନ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଉପଖଣ୍ଡସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ତଥା ପି. ଜି. ସେଲର ନୋଡାଲ ଅଧିକାରୀ ସୁଜୟ କୁମାର ପତି ଶିବିର ପରିଚାଳନା କରିଥିଲେ।

### ବିଶ୍ୱ ହିନ୍ଦୁ ପରିଷଦର ଜିଲା ସମିତି ବୈଠକ

ବାଲେଶ୍ୱର, ୩୧।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ବାଲିଆସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସମିତି ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ଡ. ସୁଧାଂଶୁ ପରିଡ଼ା ଅଧକ୍ଷତା କରିଥିବା ବେଳେ ସମ୍ପାଦକ ଦେବବ୍ରତ କର ପରିଚାଳନା କରିଥିଲେ। କ୍ଷେତ୍ରୀୟ ସହ-ସମ୍ପାଦକ ଗୌରୀ ପ୍ରସାଦ ରଥ ଉଦ୍‌ଘାଟନ ସୂତ୍ର ପ୍ରଦାନ କରିବା ସହିତ ବିଶ୍ୱ ହିନ୍ଦୁ ପରିଷଦର ଉଦ୍ଦେଶ୍ୟ ଏବଂ ଆଗାମୀ ଦିନର କାର୍ଯ୍ୟସୂଚୀ ଆଲୋଚନା କରିଥିଲେ। ବାଲେଶ୍ୱର ଜିଲାପାଳକ ଭାବେ ମାନସ ରଞ୍ଜନ ମହାନ୍ତି ବିଶ୍ୱ ହିନ୍ଦୁ ପରିଷଦର ଷଷ୍ଠୀ ପୂର୍ତ୍ତି ଅବସରରେ ହେବାକୁ ଥିବା କାର୍ଯ୍ୟସୂଚୀ ବିଷୟରେ ଆଲୋଚନା ଏବଂ ଆଗାମୀ ଦିନରେ ପ୍ରଖଣ୍ଡମାନଙ୍କୁ କାର୍ଯ୍ୟନିର୍ବାହର ସୂଚୀ ପ୍ରଦାନ କରିଥିଲେ। ଅନ୍ୟ ଦୁଇ ପ୍ରାନ୍ତୀୟ ଅଧିକାରୀ ଭାରତ ଚନ୍ଦ୍ର ସ୍ୱାଇଁ ଓ ଭଗବାନ ଦାସ ଖଣ୍ଡେଲୱାଲଙ୍କ ସହିତ ସମସ୍ତ ଜିଲା ଟ୍ରୋଲି ଏବଂ ୧୧ଟି ପ୍ରଖଣ୍ଡରୁ ଅନ୍ୟୁନ ୬୦ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଆମ୍ବା କର୍ମଚାରୀ ସଂଘର ବୈଠକ

ବାରିପଦା,୩୧।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ଆମ୍ବା କର୍ମଚାରୀ ସଂଘର ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ଏକ ବୈଠକ ରବିବାର ତକତପୁରସ୍ଥିତ ପିଡି ଆମ୍ବା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ଶିବାନନ୍ଦ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ସତ୍ୟବ୍ରତ ଘଡ଼ାଇ ଯୋଗ ଦେଇଥିଲେ। କର୍ମଚାରୀମାନଙ୍କ ସମସ୍ୟା, ଚାଷୀଙ୍କ ସମସ୍ୟା ଓ ବର୍ତ୍ତମାନ ରାଜ୍ୟ ସଂଘର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚାଷ ଓ ଚାଷୀଙ୍କ ଉନ୍ନତି ନିମନ୍ତେ ଆମ୍ବା କର୍ମଚାରୀ ସଂଘର ଏକମାତ୍ର ସଙ୍କଳ୍ପ ବୋଲି ମତପ୍ରକାଶ ପାଇଥିଲା। ସେମାନଙ୍କ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାର ବିଚାରକୁ ନେବେ ବୋଲି କର୍ମଚାରୀମାନେ ଆଶାବାଦୀ ରହିଛନ୍ତି। ବୈଠକରେ ଜିଲାର ୨୬ ବ୍ଲକରେ ଥିବା ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ସମ୍ପାଦକ ସତୀଶ ଚନ୍ଦ୍ର ଦାସ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ କୋଷାଧକ୍ଷ ରାଜାରାମ ସାହୁ ଧନ୍ୟବାଦ ଦେଇଥିଲେ।

# ଆରଡ଼ି ରାସ୍ତାରେ ଏମ୍‌ଜିଏନ୍‌ଆରଇଜିଏସ୍ ଫଳକ ଲଗାଇ ଲୁଟ୍

■ଆନନ୍ଦପୁର ବ୍ଲକ୍‌ରେ ମହାଦୁର୍ନୀତି
■ପ୍ରଥମ ବିଲ୍ ଉଠାଯାଇଛି

ଆନନ୍ଦପୁର/କଣ୍ଟିପାଳ, ୩୧।୭
(ସନ୍ତୋଷ ରାଉତ/ସୁଶାନ୍ତ କୁମାର ସାହୁ)



ଗୋଟିଏ ରାସ୍ତା ପାଇଁ ଲାଗିଥିବା ଦୁଇ ଯୋଜନାର ଫଳକ।

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅଧୀନ କଣ୍ଟିପାଳ ପଞ୍ଚାୟତରେ ମହାଦୁର୍ନୀତି ନଜରକୁ ଆସିଛି। ଆରଡି ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ଏକ ରାସ୍ତାରେ ଏମଜିଏନଆରଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ର ନାମଫଳକ ଲଗାଯାଇ ଅର୍ଥ ହରିଲୁଟ୍ ହୋଇଛି। ଏହି ଅନିୟମିତତାର ନିରପେକ୍ଷ ତଦନ୍ତ କରାଗଲେ ଗୁମର ଫିଟନ୍ତା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତରେ ଥିବା ୫୩ ନଂ. ରାଜ୍ୟ ରାଜପଥରୁ ମଠସାହି ପର୍ଯ୍ୟନ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେଉଛି। କାର୍ଯ୍ୟ ଅବଧି ଶେଷ ହୋଇଥିଲେ ବି ନିର୍ମାଣ କାର୍ଯ୍ୟ ଶେଷ ହୋଇନି। ଅନ୍ୟପକ୍ଷରେ ଏହି ରାସ୍ତାକୁ ଦର୍ଶାଯାଇ ଏମଜିଏନ୍‌ଆରଇଜିଏସ୍‌ରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦୁଇଟି ରାସ୍ତାର ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଡିସେମ୍ବର ୨୦୨୨ରେ ସାଉଁତି ସାହିଠାରୁ ନଦା ଓ ମାର୍ଚ୍ଚ ୨୦୨୩ରେ ରତେଇ ସାହି ତାରିଣୀ ଶାଳଠାରୁ ନଦା ଦୁଇଟି କାର୍ଯ୍ୟାଦେଶରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଛି। ପ୍ରଶାସନର ଜାଣତରେ ଏଭଳି ଦୁର୍ନୀତିକୁ ପ୍ରୋତ୍ସାହନ ଦିଆଯାଉଥିବାବେଳେ ହାତଗୁଞ୍ଜାରେ ପ୍ରଶାସନ ଚୁପ୍ ବସୁଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ଘଟଣା ନଜରକୁ ଆସିବା ପରେ ଆନନ୍ଦପୁର ବିଡିଓ ଏମଜିଏନ୍‌ଆରଇଜିଏସ୍ ବିଲ୍‌କୁ ବନ୍ଦ କରି ତଦନ୍ତ ପାଇଁ ପଦକ୍ଷେପ ନେବାକୁ କହିଛନ୍ତି। ବିଡିଓ ପଞ୍ଚାନନ ମଲ୍ଲିକ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ହୋଇଥିଲା। ସେଥିରେ ହୋଇଥିବା କାମ ଅନୁସାରେ ଅନୁଦାନ ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ହେବା ସମୟରେ ଏହି ରାସ୍ତା ଆରଡି ବିଭାଗ ଅଧୀନକୁ ଆସିଥିବା ଜଣାପଡ଼ିବା ପରେ କାର୍ଯ୍ୟ ବନ୍ଦ କରାଯାଇଛି। ଯେଉଁ କାର୍ଯ୍ୟ ହୋଇଛି କ'ଣ ତାର ସତ୍ୟାସତ୍ୟ ରହିଛି, ତଦନ୍ତ ପରେ ଅବଗତ କରାଯିବ ବୋଲି କହିଥିଲେ।

# ଚୁକ୍ତି ବାତିଲ ପରେ ବି ଚାଲିଛି ରାସ୍ତା ମରାମତି

ଖଇରା, ୩୧।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୬ଟି ପ୍ରଧାନମନ୍ତ୍ରୀ ରାସ୍ତା ମରାମତି ପାଇଁ ଟେଣ୍ଡର ପାଇଥିବା ଠିକାଦାରଙ୍କ ସମସ୍ତ ଚୁକ୍ତି ବାତିଲ ପରେ ଏବେ ରାସ୍ତା ନିର୍ମାଣ ଆରମ୍ଭ କରିଛନ୍ତି । ଗୋଟିଏ ପଟେ ମୂଷଳଧାରାରେ ବର୍ଷା ଚାଲିଥିବା ବେଳେ ଅନ୍ୟପଟେ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାହାକୁ ନେଇ ରାସ୍ତା ସଂଲଗ୍ନ ଗ୍ରାମଗୁଡ଼ିକର ଅଧିବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ଷା ସମୟରେ ଏଭଳି ରାସ୍ତା ନିର୍ମାଣକୁ ବନ୍ଦ କରାଯିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।


ମହତୀପୁର-ସୁଣ୍ଡିରା ଗଣ୍ଡିବେଡ ରାସ୍ତା।

୨୦୨୨ ଅଗଷ୍ଟରେ (ପ୍ୟାକେଜ ନମ୍ବର ଓଆର୦୨-ପିଏମ୍‌ଜିଏସ୍‌ୱାଇ-ପିଏମ୍୧୨) ଖଇରା ବ୍ଲକର ୬ଟି ପ୍ରଧାନମନ୍ତ୍ରୀ ସଡକର ମରାମତି ପାଇଁ ପାଖାପାଖି ୨କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏଥିମଧ୍ୟରେ ମହତୀପୁର-ସୁଣ୍ଡିରା ଗଣ୍ଡିବେଡ, ପଳସା-ଡୁଙ୍ଗୁରା ସମେତ ମୋଟ ୬ଟି ପ୍ରଧାନମନ୍ତ୍ରୀ ସଡକ ରହିଥିଲା । ସମ୍ପୃକ୍ତ ଠିକାଦାର ମଧ୍ୟ ଓଖାପୋଖରି-ଅଡା ପ୍ରଧାନମନ୍ତ୍ରୀ ସଡକର ନିର୍ମାଣ ଦାୟିତ୍ୱ ନେଇଥିଲେ। ଏଣୁ ଏତେଗୁଡିଏ ରାସ୍ତା ପାଇଁ ବିଭାଗ ସହ ଚୁକ୍ତି କରିଥିବା ଠିକାଦାର ନିର୍ଦ୍ଧାରିତ ସମୟରେ ରାସ୍ତା ଆରମ୍ଭ କରି ନ ଥିଲେ। ଲୋକଙ୍କ ପ୍ରବଳ ବିରୋଧ ପରେ ମଧ୍ୟ କୌଣସି ଗୋଟିଏ ହେଲେ ରାସ୍ତା ଠିକ୍ ଢଙ୍ଗରେ କରି ନ ଥିଲେ । ବାରମ୍ବାର ବିଭାଗୀୟ ଚିଠି ପରେ ଠିକାଦାର ସଜାଗ ନ ହେବା ଅଭିଯୋଗରେ ନିର୍ବାହୀଯନ୍ତ୍ରୀ ଜୁଲାଇ ୧୦ତାରିଖରେ ମରାମତି ହେବାକୁ ଥିବା ୬ଟି ରାସ୍ତାର ଚୁକ୍ତି ବାତିଲ କରିଛନ୍ତି। ଏହାପରେ ଠିକାଦାର ସବଟେଣ୍ଡର ମାଧ୍ୟମରେ ମହତୀପୁର-ସୁଣ୍ଡିରା ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଭଳି ବର୍ଷାରେ ମରାମତି କାର୍ଯ୍ୟ ନେଇ ରାସ୍ତା ସଲଗ୍ନ ଅଣ୍ଡାଇଲୋ, ନୂଆସାହି, ପୂର୍ବପଡା, ସୁଣ୍ଡିରା, ଖାଡିଗୋଛି, ଅଲିପୁର, ତ୍ରିଲୋଚନପୁର ଆଦି ଗ୍ରାମର ବାସିନ୍ଦା ନାପସନ୍ଦ କରିଛନ୍ତି। ନିର୍ବାହୀଯନ୍ତ୍ରୀ ଜ୍ୟୋତିପ୍ରକାଶ ସାମଲ କହିଛନ୍ତି, ଚୁକ୍ତି ବାତିଲ ପରେ ଯାହା କାର୍ଯ୍ୟ କଲେ ବି ବିଲ୍ ଠିକାଦାରଙ୍କୁ ମିଳିବ ନାହିଁ। ଠିକାଦାର ଲକ୍ଷ୍ମୀଧର ପାଢୀ କହିଛନ୍ତି ୨ଗୋଟି ରାସ୍ତା ସମ୍ପୂର୍ଣ୍ଣ ସହ ଅନ୍ୟାନ୍ୟ କାମ ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବିଭାଗ ବିଲ୍ ପୈଠ କରୁ ନ ଥିବାରୁ ଅନ୍ୟାନ୍ୟ କାର୍ଯ୍ୟ ଠିକ୍ ଭାବେ କରାଯାଇପାରୁନାହିଁ ବୋଲି ଠିକାଦାର ଲକ୍ଷ୍ମୀଧର ପାଢୀ କହିଛନ୍ତି।

# 'ସମ୍ପର୍କ ସେତୁ' ଉନ୍ମୋଚିତ



ପଶ୍ଚିମ ଭଦ୍ରକ ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭଦ୍ରକ ୩୧।୭(ରବିନାରାୟଣ ଖିଲାର)

ପଶ୍ଚିମ ଭଦ୍ରକ ବରିଷ୍ଠ ନଗରିକ ପରିଷଦ ପକ୍ଷରୁ ରାନ୍ଦିଆଠାରେ ସଭାପତି ଆନନ୍ଦନନ୍ଦ ଦୀକ୍ଷିତ୍‌ଙ୍କ ପୌରୋହିତ୍ୟରେ ବାର୍ଷିକ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ଉପଦେଷ୍ଟା ରଙ୍ଗବଲ୍ଲଭ ଜେନା ଓ ଅନ୍ୟତମ ଅତିଥି ଭାବେ ଶ୍ରମିକ ନେତା ତଥା ଆଇନଜୀବୀ ସନ୍ତୋଷ କୁମାର ଦାସ ଯୋଗ ଦେଇଥିଲେ। ସମ୍ପାଦକ ରାମଚନ୍ଦ୍ର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସହସମ୍ପାଦକ ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଉପସଭାପତି ବସନ୍ତ ମହାପାତ୍ର ବରିଷ୍ଠମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ପରିଷଦର ଆୟବ୍ୟୟର ବିବରଣୀ ପାଠ କରିଥିଲେ କୋଷାଧକ୍ଷ ମୋହିନୀ ମୋହନ ମହାପାତ୍ର। ଅଧ୍ୟାପକ ଡ. ରାଇମୋହନ ମହାପାତ୍ର ଅପରାହ୍ନ ବୟସରେ କିଭଳି ସୁଖଶାନ୍ତିରେ ଜୀବନ ଯାପନ କରିବା, ନିରୋଗ ରହିବା ସହ ପରିବେଶ ସୁସ୍ଥ ପାଇଁ ରାନ୍ଦିଆ ରାମେଶ୍ୱର ପଡ଼ିଆ ଚାରିପାଖରେ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ବାର୍ଷିକ ମୁଖପତ୍ର 'ସମ୍ପର୍କ ସେତୁ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକ ଦୋଳଗୋବିନ୍ଦ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ବରିଷ୍ଠ ନାଗରିକ ସର୍ବଶ୍ରୀ ରଜନୀକାନ୍ତ ସ୍ୱାଇଁ, ପଣ୍ଡିତ ରତ୍ନାକର ମିଶ୍ର, ନିଶାକାର ସ୍ୱାଇଁ, ଦୁର୍ଯ୍ୟୋଧନ ସ୍ୱାଇଁ, ଦୋଳଗୋବିନ୍ଦ ଧଳ, କୃଷ୍ଣଚନ୍ଦ୍ର ରାଉଳ, ଧନଞ୍ଜୟ ସେଠୀ, ଗଙ୍ଗାଧର ରାଉଳ, ନିର୍ମଳ ବାରିକ, ଜୟନ୍ତ ବାରିକ, ଭାବଗ୍ରାହୀ ଦାସ, ରଘୁନାଥ ସ୍ୱାଇଁ, ଆନନ୍ଦ ମହାପାତ୍ର, ନାରାୟଣ ପାଢ଼ୀ, ଚିତ୍ରଶିଳ୍ପୀ କ୍ଷୀରୋଦ ମହାପାତ୍ର ପ୍ରମୁଖ ସୁଚିନ୍ତିତ ମତାମତ ରଖିଥିଲେ। ଶେଷରେ ଅମିୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଖରୀରେ ବୁଡ଼ି ଚାଷୀ ମୃତ

ଡେଙ୍କିକୋଟ,୩୧।୭(ନୀଳମଣୀ ମଣ୍ଡଳ)

କେନ୍ଦୁଝର ଜିଲା ଡେଙ୍କିକୋଟ ପୋଲିସ ବିଟ୍‌ହାଉସ ଅନ୍ତର୍ଗତ ରୁଟିଶିଳା ପଞ୍ଚାୟତ ସାରୁପାଟ ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ଶତ୍ରୁଘନ ଦଣ୍ଡସେନା (୫୫)। ରବିବାର ଜମିରେ ଚାଷ କାମ ସାରି ସନ୍ଧ୍ୟାରେ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବସତଃ ତାଙ୍କ ଗୋଡ଼ ଖସିଯିବାରୁ ଗଭୀର ଜଳରେ ବୁଡ଼ିଯାଇଥିଲେ। ଫେରିବାରେ ଡେରି ହେବାରୁ ଘର ଲୋକ ଖୋଜାଖୋଜି କରି ନ ପାଇ ସନ୍ଦେହରେ କେନ୍ଦୁଝର ଟାଉନ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ରାତି ୧୨ ଟା ପର୍ଯ୍ୟନ୍ତ ଖୋଜାଖୋଜି କରି ନିରାଶ ହୋଇ ଫେରିଯାଇଥିଲେ। ସୋମବାର ଗ୍ରାମର ଯୁବକମାନେ ଖୋଜାଖୋଜି କର ଶତ୍ରୁଘନଙ୍କ ମୃତଦେହ ପାଇଥିଲେ। ଡେଙ୍କିକୋଟ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଘଟଗାଁ ଥାନାରେ ଏକ ମାମଲା( ନଂ- ୪୩/୨୩) ରୁଜୁ ହୋଇଛି।

# ଜିଲା ଦୌରାଜଜ୍‌ଙ୍କୁ ବିଦାୟୀ ସମ୍ବର୍ଦ୍ଧନା



ଉପସ୍ଥିତ ଆଇନଜୀବୀମାନେ।

କେନ୍ଦୁଝର,୩୧।୭
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଦୌରାଜଜ ଚିତ୍ତରଞ୍ଜନ ମହାପାତ୍ରଙ୍କ ବଦଳି ହୋଇଥିବାରୁ ଜିଲା ଓକିଲ ସଂଘ ତରଫରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସୋମବାର ଅପରାହ୍ନ ୧.୩୦ରେ ସଂଘ ସଭାଗୃହରେ ଆୟୋଜିତ ବିଦାୟକାଳୀନ ସଭାରେ ଜିଲା ଓକିଲ ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀ, ଉପସଭାପତି ଆଲୋକ ମହାନ୍ତ, ସମ୍ପାଦକ ସଞ୍ଜୀବ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ଚତୁର୍ଭୁଜ ହୋତା, ଗୋପାଳ କୃଷ୍ଣ ପରିଡ଼ା, ଅଶ୍ୱିନୀ ପଟ୍ଟନାୟକ, ଜ୍ୟୋତିର୍ମୟୀ ଷଡ଼ଙ୍ଗୀ ସମେତ ବିଦାୟୀ ଜଜଙ୍କୁ ଶ୍ରୀଜୀଉଙ୍କ ଫଟୋଚିତ୍ର ସହିତ ଉପଢୌକନ, ପୁଷ୍ପମାଳ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଂଘର ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

## କଂଗ୍ରେସର ସାଙ୍ଗଠନିକ ବୈଠକ

# ଦଳରେ ମିଶିଲେ ୨୦ ପରିବାର

ରୂପସା, ୩୧।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ଗଡ଼ପଦା ପଞ୍ଚାୟତରେ କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ଅଧୀନ ୪ ନଂ., ୫ ନଂ., ୬ ନଂ. ଓ ୭ ନଂ. ୱାର୍ଡ଼ର କର୍ମୀ ଓ ସମର୍ଥକଙ୍କୁ ନେଇ ଲଛମନଖୁଣ୍ଟାଠାରେ ବିଶାଳ ସମାବେଶ ହୋଇଥିଲା। ଏଥିରେ ପଞ୍ଚାୟତ ସଭାପତି ଚକ୍ରଧର ମହାନ୍ତି ସଭାପତିତ୍ୱ କରି ଦଳକୁ ୱାର୍ଡ଼ସ୍ତରରୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ।

ମୁଖ୍ୟଅତିଥି ଭାବେ ନିର୍ବାଚନମଣ୍ଡଳୀ ନେତା ବିଜନ କୁମାର ନାୟକ ଯୋଗଦେଇ ସେଠାରେ ଏକ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରି ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରତ୍ୟେକ ଘରୁ କଂଗ୍ରେସ ପାଇଁ ଭୋଟ୍ ସଂଗ୍ରହ କରିବାକୁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ।


ନବାଗତ କର୍ମୀଙ୍କ ଗହଣରେ କଂଗ୍ରେସ ନେତୃବୃନ୍ଦ।

ବରିଷ୍ଠ ନେତା ସୁଧାଂଶୁ ଶେଖର ଯେନା, ମନୋଜ ମହାନ୍ତି, ସେକ କବୀର, ପୂର୍ବତନ ସରପଞ୍ଚ ମଦନମୋହନ ଯେନା, ପୂର୍ବତନ ସମିତିସଭ୍ୟ ପେଟୁ ସିଂ, ରାଉତପଡ଼ା ସଭାପତି ପ୍ରଦୀପ ଦେ, ପୂର୍ବତନ ସମିତି ସଭାପତି ସନ୍ତୋଷ କୁମାର ବାରିକ, ଯୁବନେତା ଅସୀମ ଦାସ ପ୍ରମୁଖ ଯୋଗଦେଇ ପଞ୍ଚାୟତରେ ଦଳକୁ ସୁଦୃଢ଼ କରିବା ଦିଗରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଅନ୍ୟ ଦଳ ଛାଡ଼ି ୨୦ରୁ ଊର୍ଦ୍ଧ୍ୱ ପରିବାର କଂଗ୍ରେସରେ ଯୋଗଦେଇ ଦଳ ପାଇଁ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ।

# ଦୋଳସାହି-ପଣ୍ଡାଛକ ରାସ୍ତା ନିର୍ମାଣ ପାଇଁ ସର୍ଭେ

ଚିହିଡ଼ି,୩୧।୭(ସଞ୍ଜିତ୍ ବଳ)

ଭଦ୍ରକ-ଚାନ୍ଦବାଲି ରାସ୍ତାର ଦୋଳସାହି ବଜାରଠାରୁ ପଣ୍ଡାଛକ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ସର୍ଭେ ଆରମ୍ଭ ହୋଇଛି। ଏହି ରାସ୍ତା ରାଜ୍ୟ ସରକାରଙ୍କ ଅନୁମୋଦନ ଲାଭ କରିବା ପରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଉମ୍ବରୁଧର ମଣ୍ଡଳ କ୍ଷେତ୍ରୀୟ ଅନୁଧ୍ୟାନ କରିଥିଲେ। ରାସ୍ତା ନିର୍ମାଣ ତୁରନ୍ତ ଆରମ୍ଭ କରିବାକୁ ପୂର୍ବତନ ବିଧାୟକ ମଣ୍ଡଳ ପରାମର୍ଶ ଦେଇଥିଲେ। ଆର୍‌ଏଲ୍‌ବିର ଗୋପୀନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସର୍ଭେ କରାଯାଉଛି। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମାନସ ପାଠୀଙ୍କ ସମେତ ଆର୍‌ଏଲ୍‌ବିର କର୍ମଚାରୀମାନେ ଉପସ୍ଥିତ ଥିଲେ। ଗୁଆମାଳ, ତାଳପଦା, କୁବେରା, ବାରୋ, ବିଲଣା, ବୋଡ଼କ, ତଳଗୋପବିନ୍ଧା ଆଦି ୭ଞ୍ଚାୟତର ଅଧିବାସୀ ଉପକୃତ ହେବେ।

# ପୂର୍ବତନ ବିଧାୟକଙ୍କ ବିୟୋଗରେ ଶୋକସଭା

ଖୁଣ୍ଟା,୩୧।୭(ଦେବରଞ୍ଜନ ବେହେରା)

ପୂର୍ବତନ ବିଧାୟକ ତଥା ଖୁଣ୍ଟା ହାଇସ୍କୁଲର ପୁରାତନ ଶିକ୍ଷକ ରମେଶ ସୋରେନଙ୍କ ବିୟୋଗରେ ଖୁଣ୍ଟା ହାଇସ୍କୁଲ ପରିସରରେ ଏକ ଶୋକଶୋଭା ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପରିଚାଳନା କମିଟି ସଭାପତି ତଥା ସାମ୍ବାଦିକ ଦେବରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀ, କମିଟି ସଦସ୍ୟ ଗୁରୁ ପ୍ରସାଦ ପ୍ରଧାନଙ୍କ ସମେତ ସମସ୍ତ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ପ୍ରମୁଖ ଯୋଗଦେଇ ଶିକ୍ଷକରୁ ରାଜନେତା ସାଜିଥିବା ସ୍ୱର୍ଗତ ବିଧାୟକ ରମେଶ ସୋରେନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଜୀବନୀ ଉପରେ ଆଲେଶଚନା କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର,ପୁରାତନ ଛାତ୍ର ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।



ଶୋକସଭାରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର।

# ରୂପାନ୍ତରିତ ବିଦ୍ୟାଳୟରେ ନିମ୍ନମାନର କାର୍ଯ୍ୟ

ଧାମନଗର, ୩୧।୭ (ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୧୮୭ ଅଭିଯୋଗ ଆସିଥିଲା। ମୁଖ୍ୟତଃ ୫-ଟି ରୂପାନ୍ତରିତ କ୍ଷେଣ୍ଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ସ୍ଥାନୀୟ କ୍ଷେଣ୍ଟପୁର, କଣ୍ଟାପାରି ଓ ବେଦପୁର ଅଞ୍ଚଳର ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗ ଅନୁଯାୟୀ, ଏହି ସ୍କୁଲରେ ୨୦୨୨ରୁ କାମ ହୋଇଥିବା ଖେଳପଡ଼ିଆରେ ୨ ଫୁଟ୍‌ର ପାଣି ଛିଡ଼ା ହେଉଛି। ବିଦ୍ୟାଳୟ ପଛପାଖ ପାଚେରି କରା ନ ଯାଇ ସାମ୍ନା ପାଖ ଆର୍ଚ ହୋଇଛି।



ଜନଶୁଣାଣି ଶିବିରରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

ଶୌଚାଳୟରେ ନିମ୍ନମାନର ରଡ୍, ସିମେଣ୍ଟ ଓ ଇଟା ବ୍ୟବହୃତ ହୋଇଛି। ବ୍ୟବହୃତ ରଙ୍ଗ ନିମ୍ନମାନର ଯୋଗୁ ମାସକ ମଧ୍ୟରେ ଧୋଇଯାଇଛି। କୋଠରୀରେ ଲାଗିଥିବା ପଙ୍ଖାଗୁଡ଼ିକ ପୁରୁଣା ଯୋଗୁ ପିଲା ହଇରାଣ ହେଉଛନ୍ତି। କେତେକ କୋଠରୀରୁ ପାଣି ଗଳୁଛି। ଉଦ୍‌ଘାଟନ ପରେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କାମ ଚାଲୁଛି। ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବିଭାଗ ତଦନ୍ତ କରି ସରକାରୀ ଅର୍ଥ ଆତ୍ମସାତ୍‌କୁ ରୋକିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ସେହିପରି ପ୍ରଧାନମନ୍ତ୍ରୀ ଆବାସ, ରାଶନ କାର୍ଡ ସାମଗ୍ରୀ, ତହସିଲଦାରଙ୍କ ବଦଳି ଆଦି ସମ୍ପର୍କରେ ବାଘୁଆରି ଗ୍ରାମର ସାମାଜିକ କର୍ମୀ ରାମଚନ୍ଦ୍ର ସାହୁ ଅଭିଯୋଗ କରିଥିଲେ। ବିଭିନ୍ନ ଗ୍ରାମରେ ନଳକୂପ ଅଚଳ ନେଇ ଅଭିଯୋଗ ହୋଇଥିଲା। ଜଣେ ଦିବ୍ୟାଙ୍ଗଙ୍କୁ ଜିଲାପାଳ ଟ୍ରାଇସାଇକେଲ ପ୍ରଦାନ କରିଥିଲେ। ଏସ୍‌ପି ବରୁଣ ଗୁଣ୍ଟୁପାଲି, ଜିଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରତିମୟ, ଉପଜିଲାପାଳ ମନୋଜ କୁମାର ପାତ୍ର, ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ତହସିଲଦାର ସ୍ନିଗ୍ଧାରାଣୀ ଦେବୀ, ବିଡିଓ ବନବିହାରୀ ଦିଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ପାତ୍ର, ଅତିରିକ୍ତ ବିଡିଓ ଶର୍ମିଷ୍ଠା ମଲ୍ଲିକ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ ଶିବିରରେ ଯୋଗ ଦେଇଥିଲେ।

### ମିଳିତ ଜନଶୁଣାଣିରେ ୧୮୭ ଅଭିଯୋଗ

**ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ପ୍ରତିବାଦ ସଭା**

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାର ସମସ୍ତ କାର୍ଯ୍ୟରତ ଖବରଦାତା ସୋମବାର ଅପରାହ୍ଣରେ ଯୋଡ଼ା କଲ୍ୟାଣ ମଣ୍ଡପଠାରେ ଏକତ୍ରିତ ହୋଇ ଦଶରଥପୁର ବ୍ଲକ୍‌ର ୨ ଖବରଦାତା ଚନ୍ଦ୍ର ଶେଖର ସାହୁ ଓ ଜ୍ୟୋତି ପ୍ରକାଶ ମିଶ୍ରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନିନ୍ଦା କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏହାକୁ ବରିଷ୍ଠ ସମ୍ପାଦକ ଶିରିଶ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିବାବେଳେ ସଭାରେ ଯୋଡ଼ାର କାର୍ଯ୍ୟରତ ଖବରଦାତାମାନେ ଯୋଗଦେଇଥିଲେ।



## ସଂକ୍ଷେପରେ

### ୨ ମାଙ୍ଗାନିଜ ବୋଝେଇ ପିକ୍‌ଅପ୍ ଜବତ, ୪ ଗିରଫ



ଯୋଡ଼ା,୩୧।୭(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ହୁଡ଼ିସାହିରୁ ଚୋରାଚାଲାଣ ହେଉଥିବା ମାଙ୍ଗାନିଜ ବୋଝେଇ ୨ଟି ପିକ୍‌ଅପ୍ ଜବତ ହୋଇଛି। ଏଥିସହ ଏକ ବାଇକ ଜବତ ହୋଇଥିବା ବେଳେ ଚାଲାଣରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ରୁଗୁଡ଼ି ଥାନା ଚୋରମାଲଦା ଅଞ୍ଚଳର ଡେଭିଡ୍ କଚ୍ଛା, ମୁନା ଲୋହାର, ମଙ୍ଗଲୁ ମୁଣ୍ଡା ଓ କୁଶଲ କଚ୍ଛପ। ପୋଲିସ ସୋମବାର ସମସ୍ତଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଟିସ୍କୋ ଲିଜ୍ ଖଣି ହୁଡ଼ିସାହି ନିକଟସ୍ଥ ମହୁଲଗୁଡ଼ାରୁ ବେଆଇନ ଭାବେ ମାଙ୍ଗାନିଜ ପ୍ଲାଷ୍ଟିକ ବ୍ୟାଗରେ ଭର୍ତ୍ତି କରି ବାହାର ରାଜ୍ୟକୁ ଚୋରାଚାଲାଣ କରାଯାଉଥିଲା। କୌଣସି ସୂତ୍ରରୁ ଖବର ପାଇ ଯୋଡ଼ା ପୋଲିସ ଚଢ଼ାଉ କରି ପ୍ରାୟ ୧୦୦ ବସ୍ତା ଉନ୍ନତମାନର ମାଙ୍ଗାନିଜ ବୋଝେଇ ୨ଟି ପିକ୍‌ଅପ୍‌କୁ ଜବତ କରିଥିଲା। ପରିବହନ ହେଉଥିବା (ଓଆର-୧୧ଜି-୫୮୩୭ ଓ ଓଆର-୧୧ଏଫ-୯୪୯୫) ଦୁଇଟି ପିକ୍‌ଅପ୍‌ରୁ ପ୍ରାୟ ୪ ଟନ୍ ଉଚ୍ଚମାନର ମାଙ୍ଗାନିଜ ଥିବା ଜଣାପଡ଼ିଛି। ଏକ (ଓଆର-୦୯ଏଫ-୩୩୮୬ )ବାଇକ ମଧ୍ୟ ପୋଲିସ ଜବତ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ଫେରାର ହୋଇଯାଇଥିଲେ। ମାଙ୍ଗାନିଜକୁ ଝାଡ଼ଖଣ୍ଡକୁ ଚାଲାଣ ହେଉଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଯୋଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି।

### ତେଜରାତି ଦୋକାନରୁ ଚୋରି

ସୋର, ୩୧।୭(ଜନ୍ମେଜୟ ମିଶ୍ର)

ସୋର ପୌରପାଳିକା ଅଧୀନ ମେଡିକାଲ ଛକ ନିକଟରେ ଥିବା ଏକ ତେଜରାତି ଦୋକାନରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଛକ ନିକଟରେ ଥିବା ଦିନେଶ ମହାୱାରଙ୍କ ତେଜରାତି ଦୋକାନ ଝରକା ଭାଙ୍ଗି ଦୋକାନ ମଧ୍ୟରେ ପଶି ସିସିଟିଭି ହାର୍ଡ଼ଡିସ୍କ, ନଗଦ ୪୫ ହଜାର ଟଙ୍କା, କାଜୁ, କିସମିସ, ହରଲିକ୍ସ, ଅମୁଲ, ଅଲମଣ୍ଡ ଭଳି ଲକ୍ଷାଧିକ ଟଙ୍କାର ଦାମୀ ସାମଗ୍ରୀକୁ ଚୋରମାନେ ନେଇଥିବା ଦିନେଶ ସୋର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ରାତିତମାମ୍ ମହରମ ପର୍ବ ପାଳନ ଅବସରରେ ତାଜିଆ ଶୋଭାଯାତ୍ରା ଯାଇଥିବା ବେଳେ ମେଡିକାଲ ଛକରେ ପୋଲିସ ଛାଉଣୀ ରହିଥିଲେ। କିନ୍ତୁ ଚୋର ଅନ୍ଧାରର ସୁଯୋଗ ନେଇ ଛାତ ଉପରେ ଚଢ଼ି ଦୋକାନ ପଛ ଝରକା ଭାଙ୍ଗି ଦୋକାନରେ ପଶିଥିଲେ।

### ଆନନ୍ଦପୁର ପ୍ରେସ୍ ପରିଷଦ ପକ୍ଷରୁ ଚାରାରୋପଣ

କୋଡ଼ପଡ଼ା,୩୧।୭(ରଞ୍ଜିତ୍ କୁମାର ରଣା): ଆନନ୍ଦପୁର ପ୍ରେସ୍ ପରିଷଦ ପକ୍ଷରୁ ସୋମବାର ପଦ୍ମପୁରସ୍ଥିତ ଶ୍ରୀଶ୍ରୀ ରାମଚନ୍ଦ୍ର ଦେବଙ୍କ ଆଶ୍ରମ ପରିସରରେ ଏକ ବୈଠକ ସହ ଚାରାରୋପଣ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ନିରାକାର ଦଳେଇଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ବିଶ୍ୱନାଥ ପ୍ରତାପ ଜେନା, ସମ୍ମାନିତ ଅତିଥିଭାବେ ଆନନ୍ଦପୁର ଉପ-ଜିଲାପାଳ ଅନୀଲ କୁମାର ସେଠୀ, ରାଜସ୍ୱ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ, ଆନନ୍ଦପୁର ଓକିଲ ସଂଘ ସଭାପତି ଦୟାନିଧି ଦାଶ, ଘସିପୁରା ଥାନା ଅଧିକାରୀ ବିକ୍ରମ କୁମାର ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ହରେକୃଷ୍ଣ ପାତ୍ର, କୋଷାଧ୍ୟକ୍ଷ ଗଣେଶ୍ୱର ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅତିଥିମାନେ ଆଶ୍ରମ ପରିସରରେ ବିଭିନ୍ନ ପ୍ରଜାତିର ଔଷଧୀୟ ଚାରାରୋପଣ କରିଥିଲେ। ପରିଷଦର ଉପ-ସଭାପତି ମକରଧ୍ୱଜ ସାହୁ, ଭରତ ବେହେରା, ସହ-ସମ୍ପାଦକ ରତିକାନ୍ତ ସାହୁ, ଉପଦେଷ୍ଟା ରମାକାନ୍ତ ନାୟକ, ଗଦାଧର ମିଶ୍ର, ସଦସ୍ୟ ଶୁଭାଶିଷ ପାଢ଼ୀ, ରଞ୍ଜିତ ରଣା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭାରିଯାନ ଚଳାଚଳ ନେଇ ସମୟ ଧାର୍ଯ୍ୟ

## ଖଣି ଅଞ୍ଚଳରେ ଟ୍ରାଫିକ ସମସ୍ୟା ଉତ୍କଟ

ଯୋଡ଼ା,୩୧।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା, ବଡ଼ବିଲ ଓ ଚମ୍ପୁଆ ଅଞ୍ଚଳରେ ହେଉଥିବା ଟ୍ରାଫିକ ସମସ୍ୟା ଉତ୍କଟ ହେଉଛି। ଏହାକୁ ନଜରରେ ରଖି ଜିଲା ପ୍ରଶାସନ ପକ୍ଷରୁ ଭରିଯାନ ଚଳାଚଳ ଉପରେ ସମୟ ଧାର୍ଯ୍ୟ କରାଯାଇଛି। କେନ୍ଦୁଝର ରିଜିଓନାଲ ଟ୍ରାନ୍ସପୋର୍ଟ ଅଥୋରିଟୀ ପକ୍ଷରୁ ୧୯ ଜୁଲାଇ ୨୦୨୩ ଚିଠି ସଂଖ୍ୟା ୪୪୪୨ରେ ଜିଲାପାଳ ଆଶିଷ ଠାକରେ ଏ ନେଇ ନୋଟିସ ଜାରି କରିଛନ୍ତି। ଏହା ୧୮ ଅଗଷ୍ଟ ୨୦୨୩ ରିଖ ପର୍ଯ୍ୟନ୍ତ ଜାରି ରହିବ। ପ୍ରକାଶ ଯୋଗ୍ୟ, ଖଣିଜ ବୋଝେଇ ଭାରୀଯାନ ଗୁଡ଼ିକ ବ୍ୟବସ୍ଥିତ ଭାବରେ ଚଳାଚଳ କରୁ ନ ଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଉପୁଜିଛି। ଯାହାଦ୍ୱାରା ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଛାତ୍ରୀଛାତ୍ର, ଅଭିଭାବକ ଠିକ୍ ସମୟରେ ସ୍କୁଲରେ ପହଞ୍ଚି ପାରୁନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଯୋଡ଼ା, ବଡ଼ବିଲ ଓ ଚମ୍ପୁଆ ଅଞ୍ଚଳରେ ଭାରୀଯାନ ଚଳାଚଳ ଉପରେ ସମୟ ଧାର୍ଯ୍ୟ କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ, ରୁଗୁଡ଼ିରୁ ବିଲେଇପଦା ପର୍ଯ୍ୟନ୍ତ ସକାଳ ୮ ରୁ ୧୧, ଅପରାହ୍ଣ ୩ ରୁ ରାତି ୮ ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ବନ୍ଦ ରହିବ, ସେହିପରି ବିଲେଇପଦାଠାରୁ ତାରିଣୀ ଛକ ପର୍ଯ୍ୟନ୍ତ ରାସ୍ତାରେ ସକାଳ ୮ଟାରୁ ୧୧ଟା ପର୍ଯ୍ୟନ୍ତ, ଅପରାହ୍ଣ ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ, ଯୋଡ଼ା ପୌରପାଳିକା ଓ ବଡ଼ବିଲ ପୌର ପାଳିକାରେ ସକାଳ ୬ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ, ଅପରାହ୍ଣ ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ନିଷେଧ ରହିବ। ଚମ୍ପୁଆ ଏନ୍‌ଏସି ଅଞ୍ଚଳରେ ସକାଳ ୮ଟା ରୁ ପୂର୍ବାହ୍ଣ ୧୧ଟା, ଅପରାହ୍ଣ ୩ଟାରୁ ୮ ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଏଭଳି ନିର୍ଦ୍ଦେଶନାମା ଜାରି ହୋଇଥିଲେ ମଧ୍ୟ କିଛି ଟ୍ରକ୍ ଚଳାଚଳ କରୁଛନ୍ତି। ଟଷ୍ଟ ବିଆର୍ ପିଏଲ କାରଖାନାଠାରୁ ଭଦ୍ରାସାହି ପର୍ଯ୍ୟନ୍ତ ରାସ୍ତା କଡ଼ରେ ଗାଡ଼ି ଠିଆ କରି ବାରମ୍ବାର ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ଜିଲାପାଳ ନିର୍ଦ୍ଦେଶ ଦେଇଥିବା ବେଳେ ବଡ଼ବିଲ ଆଞ୍ଚଳିକ ପରିବହନ ଅଧିକାରୀ କେବଳ ଆଣ୍ଟିସେପ୍ଟର ଗାଡ଼ି ଧରି ରାସ୍ତାରେ ଯାଞ୍ଚ କରୁଛନ୍ତି । ଯାହାଦ୍ୱାରା ଅତି ଭୟଙ୍କର ଟ୍ରାଫିକ ସମସ୍ୟା ଦେଖା ଦେଉଛି।

# ବୈତରଣୀରେ ଜଳସ୍ତର ବୃଦ୍ଧି

ଭଣ୍ଡାରିପୋଖରୀ, ୩୧।୭
(ରବିନାରାୟଣ ଖିଲାର)

ବର୍ଷା ଯୋଗୁ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଛି। ସୋମବାର ସକାଳ ୮ଟା ୩୦ ସୁଦ୍ଧା ନଦୀର ଉପରମୁଣ୍ଡରେ ସେଭଳି ବଡ଼ ଧରଣର ବର୍ଷା ହୋଇନାହିଁ। ଅପରାହ୍ଣ ୨ଟା ପରେ ଜିଲାରେ ମାତ୍ରାଧିକ ବର୍ଷା ହୋଇଥିବାରୁ ବୈତରଣୀ ସହ ରେବ, କପାଳି ଆଦି ଛୋଟ ନଦୀଗୁଡ଼ିକରେ ଜଳସ୍ତର ବଢ଼ିଛି। ଆଖୁଆପଦା ଆନିକଟଠାରେ ବିପଦ ସଙ୍କେତ ୧୭.୮୩ ମିଟର ରହିଥିବା ବେଳେ ସନ୍ଧ୍ୟା ୭ଟା ସୁଦ୍ଧା ୧୭.୩୦ ମିଟର ଉପରେ ଜଳ ପ୍ରବାହିତ ହୋଇଥିଲା। ଉପରମୁଣ୍ଡରେ ବଡ଼ଧରଣର ବର୍ଷା ହେଲେ ମଙ୍ଗଳବାର ସକାଳ ସୁଦ୍ଧା ବୈତରଣୀ ଜଳସ୍ତର କିଛି ପରିମାଣରେ ବୃଦ୍ଧି ପାଇବ ବୋଲି ଜଳସମ୍ପଦ ବିଭାଗ କର୍ମଚାରୀ ଚିନ୍ମୟ ମହାପାତ୍ର ସୂଚନା ଦେଇଛନ୍ତି।

# ଚକ୍ରଧରପୁର-ସୁରେଶ୍ୱରପୁର ରାସ୍ତା ମରାମତି ଦାବି



ବିଡିଓ ସତ୍ୟଜିତ ରାଉତଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାସୁଦେବପୁର, ୩୧।୭
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚୂଡ଼ାମଣି ପଞ୍ଚାୟତର ଚକ୍ରଧରପୁର ଗ୍ରାମରୁ ପୌରପାଳିକା ଅଧୀନ ସୁରେଶ୍ୱରପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଏହା ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ପ୍ରତିଦିନ ଗ୍ରାମବାସୀ ଓ ଶତାଧିକ ଛାତ୍ରୀଛାତ୍ର ସ୍କୁଲ କଲେଜକୁ ଯାତାୟାତ କରନ୍ତି। ଦୀର୍ଘ ୧୫ବର୍ଷରୁ ଊର୍ଦ୍ଧ୍ୱ ହେବ ମରାମତି ହୋଇ ନ ଥିବାରୁ ଗ୍ରାମବାସୀ ସୋମବାର ବିଡିଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯୁବନେତା ତଥା ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, ଅଶୋକ ମହାନ୍ତି, ପ୍ରଭାତ କୁମାର ମଲିକ, ପ୍ରତାପ କୁମାର ମଲିକ, ନାରାୟଣ ନାୟକଙ୍କ ସମେତ ଗ୍ରାମବାସୀ ବିଡିଓ ସତ୍ୟଜିତ ରାଉତଙ୍କୁ ଦାବିପତ୍ର ପ୍ରଦାନ କରି ଉକ୍ତ ରାସ୍ତା ତୁରନ୍ତ ମରାମତି ପାଇଁ ଦାବି କରିଛନ୍ତି। ଏ ଦିଗରେ ପଦକ୍ଷେପ ନେବେ ବୋଲି ବିଡିଓ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# 'ବ୍ୟବସ୍ଥିତ ସାହିତ୍ୟାନୁଶୀଳନ ଓ ଅଧି-ସମୀକ୍ଷା ବିଷୟକ' ଜାତୀୟ କର୍ମଶାଳା

ବାଲେଶ୍ୱର, ୩୧।୭ (ମାନସ ବିଶ୍ୱାଳ)




କର୍ମଶାଳାରେ ଉପସ୍ଥିତ ଅତିଥିଗଣ।

## ଯୋଗଦେଲେ ୭ ବିଶ୍ୱବିଦ୍ୟାଳୟରୁ ୪୦ ଗବେଷକ

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ଆନୁକୂଲ୍ୟରେ 'ବ୍ୟବସ୍ଥିତ ସାହିତ୍ୟାନୁଶୀଳନ ଓ ଅଧି-ସମୀକ୍ଷା' ଶୀର୍ଷକ ପଞ୍ଚଦିବସୀୟ ଜାତୀୟ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଛି। ଏଥିରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସ୍ୱାମୀ ବିବେକାନନ୍ଦ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ପ୍ରତିଷ୍ଠାନ କଟକ, ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ରାଉରକେଲା, ରାଞ୍ଚି ବିଶ୍ୱବିଦ୍ୟାଳୟ ପ୍ରମୁଖ ଅନୁଷ୍ଠାନରୁ ୪୦ଜଣ ଗବେଷକ ଅଂଶଗ୍ରହଣ କରିଛନ୍ତି। କର୍ମଶାଳାରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୨୦ଜଣଙ୍କ ବିଶାରଦ ମଧ୍ୟରୁ ୪ ଜଣ ଆଭାସୀ ଓ ୧୬ଜଣ ଉପସ୍ଥିତ ରହି ପ୍ରଶିକ୍ଷଣ ଦେବା ନିମିତ୍ତ ସ୍ୱୀକୃତି ପ୍ରଦାନ କରିଛନ୍ତି।

ଉଦ୍‌ଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏପରି ସମୟ ଉପଯୋଗୀ ବିଷୟରେ ଅନୁଷ୍ଠିତ ଏହି ଜାତୀୟ କର୍ମଶାଳା ଗବେଷକମାନଙ୍କ ପାଇଁ ଉପକାରକ ହୋଇପାରିବ ବୋଲି ବାର୍ତ୍ତା ଦେଇଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ର ସଦସ୍ୟ ଡ. ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ମିଶ୍ର କର୍ମଶାଳାର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇ ଉଭୟ ସମାଜ ବିଜ୍ଞାନ ଏବଂ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଗବେଷକମାନଙ୍କୁ ଏହି ଅଧି-ସମୀକ୍ଷା ବା ମେଟା-ଆନାଲିସିସ୍ କିପରି ସାହାଯ୍ୟ କରିଥାଏ ତା'ର ସୂଚନା ଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଉପସ୍ଥିତ ରହି ଗବେଷକ ତଥା ସମୀକ୍ଷକଙ୍କୁ କୌଣସି ନିର୍ଦ୍ଦିଷ୍ଟ ବିଷୟ ଉପରେ ଜ୍ଞାନର ବର୍ତ୍ତମାନିକ ସ୍ଥିତି ବିଷୟରେ ଅବଧାରଣା ନିମିତ୍ତ ଉପଲବ୍ଧ ଥିବା ନିଷ୍କର୍ଷକୁ ଏକାଠି କରି ବିଶ୍ଳେଷଣ କରିବାରେ ଏବଂ ପ୍ରମାଣ ଭିତ୍ତିକ ସିଦ୍ଧାନ୍ତ ନେବାରେ ଉଭୟ ବ୍ୟବସ୍ଥିତ ସାହିତ୍ୟାନୁଶୀଳନ ଏବଂ ଅଧି-ସମୀକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସୂଚନା ଦେଇଥିଲେ। ବିଶ୍ୱବିଦ୍ୟାଳୟ ବିତ୍ତ ଅଧିକାରୀ ମାନସ କୁମାର ପାତ୍ର, ଏଚ୍‌ଆର୍‌ଡିସି ଉପାଧ୍ୟକ୍ଷ ଡ. ଦେବଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଡ. ସଚିତା ନନ୍ଦ ଶା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ରାଉରକେଲା ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଡ. ରାମକୃଷ୍ଣ ବିଶ୍ୱାଳ, ଭୁବନେଶ୍ୱର ଆଞ୍ଚଳିକ ଚିକିତ୍ସା ଅନୁସନ୍ଧାନ କେନ୍ଦ୍ରରୁ ଡ. କୃଷ୍ଣଚନ୍ଦ୍ର ସାହୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଦେଶୁଆଲ୍ ସୁଦର୍ଶନ ଓ ଡ. ରାଜକିଶୋର କାମ୍ପା, ନୂଆଦିଲ୍ଲୀ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟରୁ ଡ. ରାହୁଲ ପ୍ରତାପ ସିଂହ କୌରବ, ଗ୍ୱାଲିୟର୍ ଭାରତୀୟ ସୂଚନା ଉଦ୍ୟୋଗୀ ଓ ପ୍ରବନ୍ଧନ ପ୍ରତିଷ୍ଠାନରୁ ଡ. ମନୋଜ କୁମାର ଦାଶ, ଆନ୍ତର୍ଜାତୀୟ ପରିଚାଳନା ପ୍ରତିଷ୍ଠାନ ଭୁବନେଶ୍ୱରରୁ ପ୍ରଫେସର ସୁପ୍ରୀତି ମିଶ୍ର, ଖଡ଼ଗପୁର ଭାରତୀୟ ଉଦ୍ୟୋଗୀ ପ୍ରତିଷ୍ଠାନ ପ୍ରଫେସର ମଣ୍ଟୁ କୁମାର ମହାଳିକ ପ୍ରମୁଖ ବିଷୟ ବିଶାରଦ ଭାବରେ ଉପସ୍ଥିତ ରହି ପ୍ରଶିକ୍ଷଣ ଦେବା ନିମିତ୍ତ ସ୍ୱୀକୃତି ପ୍ରଦାନ କରିଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ଜ୍ଞାନବିଜ୍ଞାନ ମେଳା: ୫ ପ୍ରକଳ୍ପ ସଙ୍କୁଳସ୍ତରକୁ ମନୋନୀତ

ବାଲିଆପାଳ, ୩୧।୭(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜ୍ଞାନବିଜ୍ଞାନ ମେଳାରେ ୩୧ ପ୍ରକଳ୍ପ ସ୍ଥାନ ପାଇଥିଲା। ପ୍ରଥମରୁ ପଞ୍ଚମ ସ୍ଥାନ ଅଧିକାର କରିଥିବା ୫ଟି ପ୍ରକଳ୍ପ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାପାଇଁ ମନୋନୀତ ହୋଇଛି। ବିଚାରକ ଭାବେ ଜଗାଇ ପଦ୍ମଲୋଚନ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପବିତ୍ର କୁମାର ପଣ୍ଡା, ବାଲିଆପାଳ ସରକାରୀ ବାଳିକା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନରହରି ସିଂ, ସିମୁଳିଆ କ୍ଲଷ୍ଟର ସିଆର୍‌ସିସି ଅଶୋକ କୁମାର ଗିରି ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜ୍ଞାନବିଜ୍ଞାନ ମେଳାକୁ ଶିଶୁ ମନ୍ଦିର ବିଜ୍ଞାନ ଶିକ୍ଷକ ପୁଲିନ କୁମାର ନନ୍ଦୀ ପରିଚାଳନା କରିଥିଲେ। ଆଚାର୍ଯ୍ୟ ରିଆଜ ଖାଁ, ଶୁଭ୍ରାଂଶୁ ଦେ, ବିବେକାନନ୍ଦ ବେହେରା, ଅଶୋକ କୁମାର କର, ଜଗନ୍ନାଥ ଦେ, ଆଚାର୍ଯ୍ୟା ସଞ୍ଜୁଲତା ପାତ୍ର, ବିଷ୍ଣୁପ୍ରିୟା ପାଲ, ସଞ୍ଜୁବାଳା ମାହାନ୍ତି, ସୁକାନ୍ତି ନାୟକ, ଦୀପ୍ତିଶିଖା ସିଂହ, ରୁନୁରାଣୀ ସାମଲ, ଶୁଭଶ୍ରୀ ସାହୁ, ଅର୍ଚ୍ଚନା ଉପାଧ୍ୟାୟ, ତୃପ୍ତି ଲତା ପରିଡ଼ା, ସୁମିତ୍ରା ପ୍ରଧାନ, ଅର୍ଚ୍ଚନା ଜେନା, ରଶ୍ମିରେଖା ରାଉତ, ସସ୍ମିତା ସାହୁ, ସନ୍ଧ୍ୟାରାଣୀ ଜେନା, ସୁମିତା ମଣ୍ଡଳ ବିଜ୍ଞାନ ମେଳାରେ ଉପସ୍ଥିତ ରହି ନିଜର ଦାୟିତ୍ୱ ତୁଲାଇଥିଲେ।

# ନାଗରିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

## ଆମ ପୋଲିସ ବୈଠକ

ଚାନ୍ଦବାଲି,୩୧।୭(କିଶାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଥାନା ପକ୍ଷରୁ ସୋମବାର ବରିଷ୍ଠ ନାଗରିକମାନଙ୍କୁ ନେଇ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ଏସ୍‌ଡିପିଓ ଦେବୀ ଶଙ୍କର ପ୍ରତାପ ଏଥିରେ ଅଧ୍ୟକ୍ଷତା କରିଥିଲେ। ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଓ ପୂର୍ବତନ ପ୍ରାଧ୍ୟାପକ କୈଳାସ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମହିଳାମାନେ ବାହାରକୁ ଆସିବା ବେଳେ ସୁନାଗହଣା ପରିଧାନ ସମୟରେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ଥାନାଧିକାରୀ ପ୍ରଧାନ କହିଥିଲେ। ବୈଠକରେ ନାଗରିକମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜରୁରୀ ଆବଶ୍ୟକ ହେଲେ ୧୧୨ ନମ୍ବରରେ କଲ୍ କଲେ ପୋଲିସ ପହଞ୍ଚିବ ବୋଲି କୁହାଯାଇଥିଲା। ବରିଷ୍ଠ ନାଗରିକମାନଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ କରାଯାଇଛି। ଶେଷରେ ବରିଷ୍ଠ ନାଗରିକ ସମ୍ପାଦକ ପ୍ରମୋଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିବାସୀ ସେଙ୍ଗେଲ ଅଭିଯାନର ବିକ୍ଷୋଭ



ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାରିପଦା,୩୧।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାନ୍ତାଳୀ ଭାଷାକୁ ଝାଡଖଣ୍ଡର ପ୍ରଥମ ରାଜଭାଷା ମାନ୍ୟତା ପ୍ରଦାନ ଦାବିରେ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଜବାବ ଦିଅ ଜେଏମ୍‌ଏମ୍ ସରକାର, ଅନ୍ୟଥା ଗାଦି ଛାଡ଼ ବୋଲି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ କମିଟିର ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରିଥିଲେ। ଏ ସଂକ୍ରାନ୍ତରେ ୧୦ଟି ପ୍ରଶ୍ନ ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳ ବୀନିତ ଭରଦ୍ୱାଜଙ୍କ ଜରିଆରେ ଝାଡ଼ଖଣ୍ଡ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଏହି ପ୍ରଶ୍ନର ଉତ୍ତର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଦେବାକୁ ପଡ଼ିବ ବୋଲି ଅଭିଯାନର କର୍ମକର୍ତ୍ତା ଦୃଢ଼ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିତେନ୍ଦ୍ର ନାଥ ହେମ୍ବ୍ରମ, ବିକାଶ ହେମ୍ବ୍ରମ, ବାବୁଲୁ ମୁର୍ମୁ ଓ ବାହାଦୁର ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକ ରମାରଞ୍ଜନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପାଟଣା,୩୧।୭(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ପୁରାତନ ଜିଏନ ହାଇସ୍କୁଲ ସ୍ୱାମ ପାଟଣାର ବିଜ୍ଞାନ ଶିକ୍ଷକ ରମାରଞ୍ଜନ ପତି ସୋମବାର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏନେଇ ତାଙ୍କୁ ବିଦ୍ୟାଳୟ ସଭା ଗୃହରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ନିରୂପମା ନାଏକ, କୈଳାଶ ଚନ୍ଦ୍ର ମହାନ୍ତ, ସମୀର ରଞ୍ଜନ ନାଏକ, ପ୍ରିୟମ୍ବଦା ନାଏକ, ଶର୍ମିଷ୍ଠା ସୋରେନ, ଦୁର୍ଗାବତୀ ମହାନ୍ତ, ଦେବାଶିଷ ସାମଲ, ରାଜବିର ବିନ୍ଧାଣୀ, ମଞ୍ଜୁ ବାଳା ମିଶ୍ର, ଡମ୍ବରୁଧର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ରମାରଞ୍ଜନଙ୍କ ଅନୁପସ୍ଥିତିକୁ ବିଦ୍ୟାଳୟ ସର୍ବଦା ମନେ ପକାଇବ ବୋଲି କହିଥିଲେ।

# ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି

ଚମ୍ପୁଆ,୩୧।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳନ ପାଇଁ ସୋମବାର ଉପଜିଲାପାଳଙ୍କ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଶୁକାନ୍ତ କୁମାର ମାଝିଙ୍କ ସଭାପତିତ୍ୱରେ ସ୍ୱାଧୀନତା ଦିବସକୁ ଜାତୀୟ ଚେତନା ସହ ପାଳନ କରିବା ପାଇଁ ଉପଜିଲାପାଳ ଆହ୍ୱାନ ଦେଇଥିଲେ। ବିଭିନ୍ନ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସକାଳ ୭.୩୦ ସୁଧା ଜାତୀୟ ପତାକା ଉତ୍ତୋଳନ, ୮.୧୫ ରେ ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପତାକା ଉତ୍ତୋଳନ, ମହାପୁରୁଷଙ୍କୁ ପୁଷ୍ପମାଲ୍ୟ ଅର୍ପଣ ଓ ସକାଳ ୯ ଘଟିକା ସମୟରେ ସ୍ଥାନୀୟ ନେହେରୁ ଷ୍ଟାଡିୟମଠାରେ ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମକୁ ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ପରିଚାଳନା କରିଥିବା ବେଳେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ବୁଦ୍ଧି ଜୀବି ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

# 'ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ'

## ବିଜେଡିର ସାଙ୍ଗଠନିକ ବୈଠକ

ବାରିପଦା,୩୧।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବୈଠକରେ ଉପସ୍ଥିତ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଅନ୍ୟମାନେ।

୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନୀ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ସଙ୍ଗଠନକୁ ଆହୁରି ମଜବୁତ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଛି। ଏହି ଅବସରରେ ବାରିପଦା ନିର୍ବାଚନ ମଣ୍ଡଳୀର ଏକ ସାଙ୍ଗଠନିକ ବୈଠକ ତକତପୁରଠାରେ ଅନୁଷ୍ଠିତ ହୋଇଛି। ମୟୂରଭଞ୍ଜ ଜିଲା ବିଜେଡି ସହ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ବୈଠକରେ ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରି ବିକାଶ ଧାରାକୁ ତ୍ୱରାନ୍ୱିତ କରିବାକୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ତୃଣମୂଳସ୍ତରରେ ଥିବା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚି ସମସ୍ୟାର ସମାଧାନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ ଦଳରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି କଡ଼ା ଚେତାବନୀ ଦେବା ସହିତ ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମୀ ଏକାଠି ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ବିଜେଡି ଜିଲା ସଭାପତି ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ଜିଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ମନ୍ତ୍ରୀ ତଥା ଏସ୍‌ଟି,ଏସ୍‌ସି ଓ ମାଇନରିଟି ବିଭାଗର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ସହ ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ସଙ୍ଗଠନକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ନିର୍ବାଚନ ମଣ୍ଡଳୀର ସଂଯୋଜକ ପ୍ରଭାତ ନାୟକ, ପୌର ପରିଷଦର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷ ସୀମା ଦାସ, ବାରିପଦା ବ୍ଲକ ଅଧ୍ୟକ୍ଷ ସୁନ୍ଦର ମୋହନ ସିଂ, ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାଏକ, ଜିଲା ମହିଳା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ଯୁବ ସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ ନାୟକଙ୍କ ସମେତ ବାରିପଦା ପୌର ପରିଷଦର କାଉନସିଲର, ବ୍ଲକ ଉପାଧ୍ୟକ୍ଷଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ମିସ୍ତ୍ରୀଙ୍କ ମୃତ୍ୟୁ

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଏକ ପୋଖରୀରେ ବୁଡ଼ି ଜଣେ ରାଜମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ପଶ୍ଚିମବଙ୍ଗ ରାଜ୍ୟର ସୁକୁମାର ମାଇତି (୫୫)। ଗତ ସପ୍ତାହରେ ଆସି ଏଠାରେ ରହି କାମ ଧନ୍ଦା କରୁଥିଲେ। ସୋମବାର ଶୌଚ ପାଇଁ ଯାଇ ଫେରି ନ ଥିଲା। ୧.୩୦ ରେ ମୃତଦେହ ପୋଖରୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛି।

### ସଂକ୍ଷେପରେ

## ପୁତୁରା ଟାଙ୍ଗିଆ ଚୋଟରେ କକା ମୃତ

### ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା

କେନ୍ଦୁଝର,୩୧।୭(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ): ୩୧।୭: କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କାଞ୍ଜିପାଣି ଥାନା ଅଧୀନ ରୁଗୁଡ଼ି କସଡ଼ା ଗ୍ରାମରେ ରବିବାର ଗୁଣି ଗାରେଡ଼ିକୁ ନେଇ ଏକ ନାରକୀୟ ହତ୍ୟାକାଣ୍ଡ ଘଟିଯାଇଛି। ପୁତୁରାଙ୍କ ଟାଙ୍ଗିଆ ଚୋଟରେ କକାଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ଅଜୟ ଦେହୁରୀ(୪୦)। ପୋଲିସ ଅଭିଯୁକ୍ତ ଛବି ଦେହୁରୀ (୩୫)କୁ ଗିରଫ କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଅଜୟ ଗୁଣି ଗାରେଡି କରୁଥିବା ନେଇ ଛବିଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ ହେଉଥିଲା। ରବିବାର ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଛବି ଏକ ଟାଙ୍ଗିଆରେ ଅଜୟଙ୍କ ମୁଣ୍ଡପଛ ପଟକୁ ହାଣି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ଅଜୟଙ୍କ ମୃତ୍ୟୁ ହୋଇଥିଲା। କାଞ୍ଜିପାଣି ଥାନା ଅଧିକାରୀ ଏସ୍‌କେ ଆଜାରୁଦ୍ଦିନ, ବସନ୍ତ କୁମାର ମହାନ୍ତ ସମେତ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଏ ନେଇ କାଞ୍ଜିପାଣି ଥାନା ପକ୍ଷରୁ ମାମଲା(ନଂ.୬୫/୨୩) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଦୋଷୀ ବାପାଙ୍କୁ ଆଜୀବନ ଜେଲ

କେନ୍ଦୁଝର,୩୧।୭
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଅତିରିକ୍ତ ଜିଲା ଓ ଦୌରାଜଜ୍ ମମିତା ଦାସ ଏକ ହତ୍ୟା ମାମଲାର ରାୟ ଶୁଣାଇଛନ୍ତି। ଶୁଣାଣି କରି ପୁଅକୁ ହତ୍ୟା ଅଭିଯୋଗରେ ବାପଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ୬ ମାସ ଅତିରିକ୍ତ କାରାଦଣ୍ଡ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ସଦର ଥାନା ଅନ୍ତର୍ଗତ ଲୁଣଘର ଗ୍ରାମର ଚେରେଙ୍ଗା ମୁଣ୍ଡା(୫୫) ସାମାନ୍ୟ ଝଗଡ଼ାକୁ କେନ୍ଦ୍ର କରି ୨୦୧୯ ନଭେମ୍ବର ୧୭ରେ ଏକ ଟାଙ୍ଗିଆରେ ପୁଅ ଘନ ମୁଣ୍ଡାଙ୍କୁ ହାଣି ହତ୍ୟା କରିଥିଲେ। ଘଟଣାକୁ ନେଇ ଅଭିଯୁକ୍ତଙ୍କ ଭାଇ ବାବୁଲା ମୁଣ୍ଡା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ. ୩୪୧/୧୮ନଭେମ୍ବର ୨୦୧୯) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସମୁଦାୟ ୧୪ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ଜଜ ଉକ୍ତ ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ସରକାରୀ ଓକିଲଙ୍କ ପକ୍ଷରୁ ସୂଚନା ମିଳିଛି।

# ଉତ୍ତର ଓଡ଼ିଶା ପାଇଁ ଗୌରବ ଆଣିଲେ

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୨୧ ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ କେନ୍ଦୁଝର ଜିଲାର ସୁଦେବ ପୃଷ୍ଟି ରାଜ୍ୟରେ ଟପ୍ପର ହୋଇ ଉତ୍ତର ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏଥିସହ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲାର ପରୀକ୍ଷାର୍ଥୀମାନେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି।

## 'ଦୃଢ଼ ସଙ୍କଳ୍ପ ସଫଳତା ଦେଇଛି'

କେନ୍ଦୁଝର,୩୧।୭(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ସହରର ଗ୍ରାମଶ୍ରୀ କଲୋନୀ ବାସିନ୍ଦା ତଥା କେନ୍ଦୁଝର ଓଏଫ୍‌ଡିସିରେ ସେକ୍‌ସନାଲ ସୁପରଭାଇଜର କାର୍ଯ୍ୟ କରୁଥିବା କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଗିତାଞ୍ଜଳୀ ମହାପାତ୍ରଙ୍କ ଏକ ମାତ୍ର ପୁତ୍ର ଆଦିତ୍ୟ ମହାପାତ୍ର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୨୧ରେ ୩୫ ର୍‍ୟାଙ୍କ୍‌ରେ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି। ଆଦିତ୍ୟ କେନ୍ଦୁଝର ସହରର ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଦଶମ ଶ୍ରେଣୀରେ ୯୧ ପ୍ରତିଶତରେ ଏ-ଗ୍ରେଡ୍‌ରେ ପାସ ପରେ, ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ +୨ ବିଜ୍ଞାନ ଏବଂ ଓୟୁଏଟି ଭୁବନେଶ୍ୱରର କଲେଜ ଅଫ ଫରେଷ୍ଟ୍ରିରୁ ବିଏସ୍‌ସି ଓ ପରେ ଏମଏସସି ଫରେଷ୍ଟି (ସାସ) ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ଭୁବନେଶ୍ୱରରେ ରହି ନିଜକୁ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ନିକଟ ଅତୀତରେ ଓଡ଼ିଶା କର୍ମଚାରୀ ପ୍ରବଣ ଆୟୋଗ ପକ୍ଷରୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଦବୀରେ ହୋଇଥିବା ପରୀକ୍ଷାରେ ମନୋନୀତ ହୋଇ ପୁରୀ ଜିଲା କଣାସ ବ୍ଲକ୍‌ରେ ନିଯୁକ୍ତି ପାଇଥିଲେ। ଆଦିତ୍ୟ ଦୃଢ଼ ସଙ୍କଳ୍ପ ନେଇ ଅଧ୍ୟୟନ କରି ସଫଳତା ପାଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ସଫଳତା ଜଗନ୍ନାଥ, କେନ୍ଦୁଝର ଆରାଧ ଦେବୀ ମା' ତାରିଣୀଙ୍କ ଆର୍ଶୀବାଦରୁ ପାଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ତାଙ୍କର ପିତା ମାତା, ପରିବାର ଲୋକ, ଗୁରୁଜୀ ଗୁରୁମା ଏବଂ ଆତ୍ମୀୟସ୍ୱଜନ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## 'ଆଦିବାସୀ, ଅବହେଳିତଙ୍କ ବିକାଶ ପ୍ରତି ଗୁରୁତ୍ୱ ଦେବି'

### ଓଏଏସ୍ ପରୀକ୍ଷାରେ କିରଣ କୁମାରଙ୍କ କୃତିତ୍ୱ

ଖୁଣ୍ଟା,୩୧।୭(ଦେବ ରଞ୍ଜନ ବେହେରା)



ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ବାହାନଡ଼ା ଗ୍ରାମର କିରଣ କୁମାର ସୋରେନ (୨୭) ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ଏନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ପ୍ରକାଶିତ ତାଲିକାର ୩୬୧ତମ ସ୍ଥାନରେ ତାଙ୍କ ନାମ ରହିଛି। କିରଣ ଜଣେ ମେଧାବୀ ଛାତ୍ର ଭାବେ ପରିଚିତ ଥିବା ବେଳେ ତାଙ୍କ ବାପା ନରେନ୍ଦ୍ରନାଥ ସୋରେନ କେନ୍ଦ୍ରାପଡ଼ା ଜିଲାରେ ହାବିଲଦାର ଭାବେ କାର୍ଯ୍ୟ କରୁଛନ୍ତି। ମା' ପୂର୍ଣ୍ଣିମା ଜଣେ ଗୃହିଣୀ। କିରଣ ଏହି ସଫଳତାର ଶ୍ରେୟ ତାଙ୍କର ଶିକ୍ଷକ ଓ ପରିବାରବର୍ଗଙ୍କୁ ପ୍ରଦାନ କରିଛନ୍ତି। କିରଣ କୁହନ୍ତି, ସେ ଆଦିବାସୀ ସମ୍ପ୍ରଦାୟର। ଆଦିବାସୀ ଓ ଅବହେଳିତ ଲୋକଙ୍କ ସୁଖ ଦୁଃଖ ସେ ଭଲ ଭାବେ ଜାଣନ୍ତି। ଏହି ମାଧ୍ୟମରେ ସେମାନଙ୍କ ବିକାଶ ଲାଗି କାର୍ଯ୍ୟ କରିବେ। ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା କିଭଳି ତୃଣମୂଳ ସ୍ତରରେ ଥିବା ଜନସାଧାରଣଙ୍କଠାରେ ପହଞ୍ଚି ପାରିବ ସେଥିପ୍ରତି ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

## ଖଇରାର ଗର୍ବ ଯିଶୁକ୍ରିଷ୍ଟ



ଖଇରା, ୩୧।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗ ଗ୍ରାମର ପ୍ରଭାକର ଦାସଙ୍କ ପୁଅ ଯିଶୁକ୍ରୀଷ୍ଟ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୨୦୨ ସ୍ଥାନରେ ରହି ଖଇରା ପାଇଁ ଗର୍ବ ଆଣି ଦେଇଛନ୍ତି। ତାଙ୍କ ବାପା ପୋଷ୍ଟପିଅନ ଭାବେ କାର୍ଯ୍ୟରତ। ଉକ୍ତ ଖବର ପହଞ୍ଚିବା ପରେ ମା' ବାପା ବନ୍ଧୁ ବାନ୍ଧବ ସାଙ୍ଗସାଥୀମାନେ ଖୁସିରେ ବିଭୋର ହୋଇପଡିଛନ୍ତି । ଏଥପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପିଜି କରିବା ସମୟରୁ ହିଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ସଫଳତାର ଶ୍ରେୟ ମା'ବାପା ପରିବାର ଶୁଭେଚ୍ଛୁ, ପିଲାବେଳ ସ୍କୁଲରେ ପାଠ ପଢାଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି । ପ୍ରଶାସନିକ ଅଧିକାରୀ ଭାବେ ସେ ଅବହେଳିତ ଅବସ୍ଥାରେ ଥିବା ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ କରିବେ । ଏଥିସହ ନିଜ ଅଞ୍ଚଳରୁ କିଭଳି ଅଧିକରୁ ଅଧିକ ଯୁବକ ଏହି ସେବାରେ ଯୋଗ ଦେଇପାରିବେ ତାକୁ ମଧ୍ୟ ଗୁରୁତ୍ୱ ଦେବେ। ଏଭଳି ସଫଳତା ନିଶ୍ଚିତ ଖୁସିଦେଇଛି । ତେବେ ଆଗକୁ ମଧ୍ୟ ଆଇଏଏସ ପାଇଁ ପ୍ରସ୍ତୁତି କରିବେ ବୋଲି ସାକ୍ଷାତକାର ଦେବା ଅବସରରେ କହିଛନ୍ତି ।

## ଚାଷୀଙ୍କ ଝିଅ ପାଇଲେ ଓଏଏସ୍



କେନ୍ଦୁଝର,୩୧।୭(ନରେଶ ଚନ୍ଦ୍ର ପଟ୍ଟନାୟକ) : କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରମୁଙ୍ଗା ନିକଟସ୍ଥ ଝାରବେଡ଼ା ଗ୍ରାମର ତ୍ରିଲୋଚନ ବାରିକଙ୍କ ଝିଅ ଅର୍ଚ୍ଚନା ବାରିକ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୧୬୩ ର୍‍ୟାଙ୍କରେ ଏହି ସଫଳତା ହାସଲ କରିଛନ୍ତି। ଅର୍ଚ୍ଚନା ଦଶମ ପର୍ଯ୍ୟନ୍ତ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, +୨ ବିଜ୍ଞାନ ଯାଜପୁରରୋଡସ୍ଥିତ ଏକସେଲସିୟର ଜୁନିୟର କଲେଜ ଓ + ୩ ବିଜ୍ଞାନ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଯୁକ୍ତ ୩ ରେ ସଫଳତା ସହ ଉତ୍ତୀର୍ଣ୍ଣ ପରେ ସେ ଗାଁରେ ରହି ଓଡ଼ିଶା ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି କରୁଥିଲେ। ବିଦ୍ୟାଳୟ ସମୟରୁ ସେ ମେଧାବୀ ଓ ନମ୍ର ସ୍ୱଭାବର ଥିଲେ। ପିତା ଜଣେ ଚାଷୀ ହୋଇଥିବାବେଳେ ମାତା ପ୍ରମିଳା ବାରିକ ଗୃହିଣୀ ଅଟନ୍ତି। ସଫଳତା ପାଇଁ ପିତା, ମାତା, ଗୁରୁଜନ, ଗୁରୁଜି ଗୁରୁମାମାନଙ୍କୁ ଶ୍ରେୟ ଦେଇଛନ୍ତି। ସଫଳତାରେ ସ୍ଥାନୀୟ ତୁରୁମୁଙ୍ଗା ଅଞ୍ଚଳବାସୀ ଖୁସିବ୍ୟକ୍ତ କରିବା ସହ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## 'ଲୋକଙ୍କ ସେବା କରିବି'

### ୧୫ ର୍‍ୟାଙ୍କ୍‌ରେ ସ୍ୱାଗତିକା

ଭଦ୍ରକ, ୩୧।୭(ସନାତନ ରାଉତ)

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୫ ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି ଭଦ୍ରକ ବ୍ଲକ ବେନ୍ତାଳ ପଞ୍ଚାୟତ ଅଧୀନ ବେଣିପୁର ଗାଁ ଗୋପାଳବିନ୍ଧା ମହାନ୍ତିସାହିର ସ୍ୱାଗତିକା ମହାନ୍ତି (୨୮)। ସେ କହନ୍ତି, ଭୁବନେଶ୍ୱରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆୟୁଷ ବିଭାଗରେ ଚାକିରି କରିଥିବା ବେଳେ ସନ୍ଧ୍ୟା ସମୟରେ ଏହି ପରୀକ୍ଷା ପାଇଁ ପ୍ରତ୍ୟେକ ଦିନ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରିଶ୍ରମ କରୁଥିଲେ। ଟପ୍-୫୦ ଭିତରେ ତାଙ୍କ ନାଁ ରହିବ ବୋଲି ଆଶା ରଖିଥିଲେ। ତାହାଠାରୁ ଅଧିକ ଫଳ ମିଳିଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ବାପା ବିଜୟ କୁମାର ମହାନ୍ତି ଖୋର୍ଦ୍ଧା ଡିଭିଜନର ରେଳ ବିଭାଗ କର୍ମଚାରୀ ଭାବେ ଚାକିରିରୁ ଅବସର ନେଇଥିବା ବେଳେ ମା' ଶୁଭଶ୍ରୀ ମହାନ୍ତି ଗୃହିଣୀ। ଏହି ପରୀକ୍ଷା ପ୍ରସ୍ତୁତି ନେଇ ସେ ଭାଙ୍ଗିପଡ଼ିଥିଲେ। ମା' ବାପାଙ୍କ ପ୍ରେରଣା ତାଙ୍କ ଆତ୍ମବିଶ୍ୱାସ ବଢ଼ାଇଥିଲା। ଭାଇ ଜୀବନ ଆନନ୍ଦ ମହାନ୍ତି, ଭାଉଜ ମଧୁସ୍ମିତା ବେହେରା ଓ ୬ ମାସ ତଳେ ଦେହାନ୍ତ ହୋଇଥିବା ଜେଜେମା' ତାଙ୍କୁ ଏଥିପାଇଁ ଅଧିକ ଉତ୍ସାହିତ କରିଥିଲେ। ହେଲେ ଏହି ସଫଳତା ଦେଖିବାକୁ ଜେଜେମା' ରହିଲେନି। ଲୋକଙ୍କୁ ସେବା ଯୋଗାଇବା ପାଇଁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।



ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ଲମ୍ବୋଧର



@ଶଶିକାନ୍ତ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ମୌଳିକ ସମସ୍ୟାର ସମାଧାନ ନ ହେଲେ ଅନଶନ ଚେତାବନୀ

ବାଲେଶ୍ୱର, ୩୧।୭ (ମାନସ ବିଶ୍ୱାଳ)

ବାଲେଶ୍ୱର ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ସମାଧାନରେ ନିର୍ବାଚିତ ନେତାଙ୍କ ଅପାରଗପଣିଆ ଉପରେ ଆରୋପ ଲଗାଇଛନ୍ତି ଯୁବନେତା ବିକ୍ରମ ପଣ୍ଡା। ନିର୍ବାଚନମଣ୍ଡଳୀବାସୀଙ୍କ ମୌଳିକ ସମସ୍ୟା ସମାଧାନ ନ ହେଲେ ଆସନ୍ତା ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଅବସରରେ ଦିନିକିଆ ଅନଶନରେ ବସିବା ନେଇ ବାଲେଶ୍ୱର ସହର ଟେକ୍ନିକାଲ ଫିଲ୍ଡ ଛକ ନିକଟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଣ୍ଡା ଚେତାବନୀ ଦେଇଛନ୍ତି।

ବାଲେଶ୍ୱର ନିର୍ବାଚନମଣ୍ଡଳୀ ଉପନିର୍ବାଚନ ସମୟରେ ବିକାଶର ଦାୟିତ୍ୱ ନେବା କଥା କହି ମୁଖ୍ୟମନ୍ତ୍ରୀ ଯେଉଁଭଳି ଭାବେ ଭୋଟ୍ ଭିକ୍ଷା କରିଥିଲେ ୩ ବର୍ଷ ପରେ ସେପରି ଆଖିଦୃଶିଆ ବିକାଶ ହୋଇନାହିଁ। ଏହି ନିର୍ବାଚନମଣ୍ଡଳୀର ୨୬ଟି ପଞ୍ଚାୟତରେ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ବେଳେ ସେଥିରେ ଯାତାୟାତ ସମ୍ପୂର୍ଣ୍ଣ ଅସମ୍ଭବ ହୋଇଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଚିହ୍ନଟରେ ଜାଲିଆତି ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ଅଧିକ ପ୍ରତିଫଳିତ ହୋଇଛି। ପ୍ରକୃତ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ଦେଇ ଦଳୀୟ ଭିତ୍ତିରେ ହେଉଥିବା ବାରମ୍ବାର ପ୍ରମାଣିତ ହେଉଛି। ଏଭଳି ପରିସ୍ଥିତିରେ ବିଭିନ୍ନ ପଞ୍ଚାୟତବାସୀ ସ୍ଥାନୀୟ ନିର୍ବାଚନପ୍ରତିନିଧିଙ୍କ ସହିତ ବାଲେଶ୍ୱର ବିଧାୟକଙ୍କୁ ବାରମ୍ବାର ଗୁହାରୀ କରିଥିଲେ ମଧ୍ୟ ସେମାନେ ନିଦାବିଷ୍ଟୁ ପାଲଟିଛନ୍ତି।

## ପଞ୍ଚଲିଙ୍ଗେଶ୍ୱର ପୀଠରେ ଲକ୍ଷାଧିକ କାଉଡ଼ିଆ

ନୀଳଗିରି, ୩୧।୭(ପ୍ରଶାନ୍ତ ବିଶ୍ୱାଳ)

ଉତ୍ତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ଶ୍ରାବଣ ସୋମବାର ଅବସରରେ ଲକ୍ଷାଧିକ କାଉଡ଼ିଆ ଜଳଲାଗି କରୁଥିବା ଦେଖିବାକୁ ମିଳିଥିଲା। କାଉଡ଼ିଆମାନେ ବିଭିନ୍ନ ନଦୀରୁ ପୂଜାର୍ଚ୍ଚନା କରି ପାଣିଭାରକୁ କାନ୍ଧରେ ବୋହି ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗ କରୁଥିବା ରାସ୍ତା ଶେରଗଡ଼ ନୀଳଗିରି, ମିତ୍ରପୁର ନୀଳଗିରି, ଝରଣାଘାଟି ରାସ୍ତାରେ ଆସୁଥିବା କାଉଡ଼ିଆ ଚାଲିବା ରାସ୍ତାରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବୋଲବମ୍ ହର୍ ହର୍ ବମ୍, ଭୋଲା ବାବା ପାର୍ କରେଗା... ଧ୍ୱନିରେ ପ୍ରକମ୍ପିତ କରି ବିଭିନ୍ନ ବର୍ଗର ଭକ୍ତ ଯଥା ମହିଳା, ପୁରୁଷ, ଛୋଟ ଛୋଟ ପିଲା ୨୬୩ ପାହାଚ ଅତିକ୍ରମ କରି ଲମ୍ବା ଲାଇନ୍‌ରେ ଯାଇ ପାଣିଢ଼ାଳି ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଦର୍ଶନ କରିଛନ୍ତି। ତେବେ ଶ୍ରଦ୍ଧାଳୁମାନଙ୍କ ପାଇଁ ସ୍ଥାନେ ସ୍ଥାନେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଚା, ପାଣି, ସର୍ବତ, ପ୍ରସାଦ ଆଦି ବଣ୍ଟନ କରାଯାଉଛି। ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ପୋଲିସଫୋର୍ସ ମୁତୟନ କରାଯାଇଛି।



ପଞ୍ଚଲିଙ୍ଗେଶ୍ୱରରେ କାଉଡ଼ିଆଙ୍କ ଭିଡ଼।

## ଜଳାଭିଷେକ କଲେ ୧୫ ହଜାର କାଉଡ଼ିଆ



ଜଳଲାଗି ପାଇଁ କାଉଡ଼ିଆମାନେ ଧାଡ଼ିରେ ଅପେକ୍ଷା କରିଛନ୍ତି।

ଆରଡ଼ି, ୩୧।୭ (ଦୀପ୍ତି ରଞ୍ଜନ ନାୟକ)

### ଆଖଣ୍ଡଳମଣି ପୀଠ

ଶ୍ରାବଣ ମାସର ୩ୟ ସୋମବାର ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ କାଉଡ଼ିଆ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଛି। କାଉଡ଼ିଆମାନେ ବୈତରଣୀ, ସାଳନ୍ଦୀ, ଖରସ୍ରୋତା, ବ୍ରାହ୍ମଣୀ, କୋଚିଲା, ଗେଙ୍ଗୁଟି ନଦୀରୁ ଜଳ ଆଣି ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢ଼ାରେ ଥିବା ଶ୍ରାବଣୀ ମହାଦେବଙ୍କୁ ଜଳଲାଗି କରିଥିଲେ। ରବିବାର ବୋଲ୍‌ବମ୍ ହରହର ବମ୍, ଭୋଲା ବାବା ପାର୍ କରେଗା, ବାବାମଣି ନେ ଟାଣି ଆଦି କାଉଡ଼ିଆଙ୍କ ଧ୍ୱନି ପୀଠ ପରିସରରେ ନିଆରା ପରିବେଶ ସୃଷ୍ଟି କରିଥିଲା। ସୋମବାର କଡ଼ା ସୁରକ୍ଷାରେ ସମସ୍ତ କାଉଡ଼ିଆ ଲମ୍ବାଧାଡ଼ିରେ ଆସି ଜଳାଭିଷେକ କରିଥିଲେ। ୧୫ ହଜାରରୁ ଅଧିକ କାଉଡ଼ିଆ ଜଳଲାଗି କରିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଆନନ୍ଦବଜାର, କୋଠାର, ବାହାରବିଲ, ବେତାଳିଗାଁ, ସୁନ୍ଦରପୁର, କୁଲେଇପଦା, ଆରଡ଼ି ଆଦି ସ୍ଥାନରେ ବିଭିନ୍ନ ଧାର୍ମିକ ସଙ୍ଗଠନ ପକ୍ଷରୁ ନିଶୁଳ୍କ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। କିଛି ସ୍ଥାନରେ ମଧ୍ୟ ସ୍ୱେଚ୍ଛାସେବୀମାନେ କାଉଡ଼ିଆମାନଙ୍କ ସେବା କାର୍ଯ୍ୟ ଜାରି ରଖିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଭିନ୍ନ ଛକ ଜାଗାରେ ପୋଲିସ ଫୋର୍ସ ମୁତୟନ ଥିଲେ। ନଦୀଘାଟରେ ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବାହିନୀ ସଜାଗ ରହିଥିଲେ। ଭିଡ଼ ସତ୍ତ୍ୱେ କାଉଡ଼ିଆମାନେ ଶୃଙ୍ଖଳିତ ଭାବେ ଜଳଲାଗି କରିଥିବା ଆରଡ଼ି ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ମଲ୍ଲ କହିଛନ୍ତି।

## ଜଣେ ମୃତ, ୧୧ରୁ ଉର୍ଦ୍ଧ୍ୱ ଆହତ

### ଏନ୍‌ଏଚ୍ ୪୯ ଓଏମ୍‌ସି ଛକରେ ସିରିଜ୍ ଦୁର୍ଘଟଣା

କେନ୍ଦୁଝର, ୩୧।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଶୁଆକାଟି ଓଏମ୍‌ସି ଛକ ଏନ୍‌ଏଚ୍ ୪୯ରେ ସୋମବାର ସିରିଜ୍ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବୁଲେଟ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ରୁ ଉର୍ଦ୍ଧ୍ୱ ବସ୍‌ଯାତ୍ରୀ ଆହତ ହୋଇଛନ୍ତି। ମୃତକ ପାଟଣା ଥାନା ଖଡ଼ିକାପଦା ଗ୍ରାମର ତ୍ରିନାଥ ମହାନ୍ତ। ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା।

ସୂଚନା ଅନୁଯାୟୀ, ତ୍ରିନାଥ କେନ୍ଦୁଝର ସହରରେ ଏକ ମୋଟର ସାଇକେଲ ଗ୍ୟାରେଜ କରିଥିଲେ। ସୋମବାର ପୂର୍ବାହ୍ନ ୧୧ଟାରେ କୌଣସି କାମରେ ଶୁଆକାଟି ଯାଉଥିଲେ। ଓଏମ୍‌ସି ଛକରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ସେ ରାସ୍ତାରେ ଛିଟିକି ପଡ଼ିଥିବା ବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ସମୟରେ ରାସ୍ତା ଜାମ୍ ହୋଇଯାଇଥିବା ବେଳେ କେନ୍ଦୁଝରରୁ କାଞ୍ଜିପାଣି ଆଡକୁ ଯାଉଥିବା ଅମ୍ବା ବସ୍ ପଛରେ ଏକ ଟ୍ରକ୍ ଧକ୍କା ଦେବାରୁ ୧୧ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆଉ ଏକ ମିନିବସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ପଛରେ ପିଟି ହୋଇ ରାସ୍ତାକଡ଼ ଡ୍ରେନ୍ ଭିତରକୁ ପଶିଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆହତଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେହିପରି ଜାତୀୟ ରାଜପଥ ୪୯ରେ ତେନ୍ତୁଳି ପାର୍କିଂ ନିକଟରେ ୨ ଟ୍ରକ୍ ମଧ୍ୟରେ ଧକ୍କା ହୋଇଛି। ଫଳରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପ୍ରକାଶଯୋଗ୍ୟ, ଓଡ଼ିଶା ଖଣି ନିଗମର ନିଜସ୍ୱ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଦୈନିକ ଶହ ଶହ ଟ୍ରକ୍ ଜାତୀୟ ରାଜପଥ ଉପରେ ଛିଡ଼ା ହୋଇ ରହୁଛି। ଲୁହାପଥର ଲୋଡିଂ ପାଇଁ ଅଞ୍ଚରଠାରୁ ଶୁଆକାଟି ପର୍ଯ୍ୟନ୍ତ ଟ୍ରକ୍ ରାସ୍ତାରେ ଛିଡ଼ା ହାଇ ରହୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ରାସ୍ତା ସଙ୍କୀର୍ଣ୍ଣ ହୋଇଯାଉଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି।

